**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**26th May - 2024**

**News Editor : *Tapan Kumar Moharana***

**********************************

***Desk***

# ଦେଶ ନିର୍ବାଚନ

ଦେଶରେ ଗତକାଲି ହୋଇଥିବା ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ୬ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ପାଇଁ ୬୧ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ନିର୍ବାଚନ କମିଶନ୍‌ଙ୍କ ରିପୋର୍ଟ ଅନୁସାରେ, ଗତକାଲି ସନ୍ଧ୍ୟା ସୁଦ୍ଧା ପଶ୍ଚିମବଙ୍ଗରେ ସର୍ବାଧିକ ୭୯ ଦଶମିକ ୭/୮ ପ୍ରତିଶତ ମତଦାନ ହୋଇଥିବାବେଳେ ଜମ୍ମୁ-କାଶ୍ମୀରରେ ସର୍ବନିମ୍ନ ୫୪ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିଲା । ଷଷ୍ଠ ପର୍ଯ୍ୟାୟକୁ ମିଶାଇ ଦେଶରେ ବର୍ତ୍ତମାନ ୪୮୬ ସଂସଦୀୟ ଆସନରେ ମତଦାନ ଶେଷ ହୋଇଛି । ଆସନ୍ତା ଜୁନ୍ ମାସ ୧ ତାରିଖରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଅବଶିଷ୍ଟ ୫୭ଟି ଲୋକସଭା ଆସନରେ ଭୋଟ୍ ନିଆଯିବ ।

*Desk*

# ରାଜ୍ୟ ତୃତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଗତକାଲି ହୋଇଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ ୭୧ ପ୍ରତିଶତରୁ ଅଧିକ ଥିବା ନିର୍ବାଚନ କମିଶନ୍‌ଙ୍କ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି । ତେବେ ମତଦାନ କେତେ ପ୍ରତିଶତ ହୋଇଛି, ତା'ର ସଠିକ୍ ବିବରଣୀ ଆମର ହସ୍ତଗତ ହୋଇ ନାହିଁ । ହେଲେ ମତଦାନ ହାର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି । ପୁରୀ ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୭୩ ଦଶମିକ ୮/୧ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଜଣାପଡ଼ିଛି । ଢେଙ୍କାନାଳରେ ୭୩ ଦଶମିକ ୬/୯, ସମ୍ବଲପୁରରେ ୭୩ ଦଶମିକ ୩/୧, କେନ୍ଦୁଝରରେ ୭୧ ଦଶମିକ ୯/୩ ଏବଂ କଟକରେ ୬୭ ଦଶମିକ ୩/୬ ପ୍ରତିଶତ ମତଦାନ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ହେଲେ ସଦ୍ୟତମ ମତଦାନର ତଥ୍ୟ ଆସିବା ପରେ ସଠିକ୍ ଜଣାପଡ଼ିବ ବୋଲି ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି । ରାଜ୍ୟର ୩ଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଆସନ ଏବଂ ୧୦୫ଟି ବିଧାନସଭା ଆସନ ପାଇଁ ମତଦାନ ଶେଷ ହୋଇଛି । ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅବଶିଷ୍ଟ ୬ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ ।

*Cuttack/R*

# ପୋଲିଂ ଅଧିକାରୀଙ୍କ ମୃତ୍ୟୁ

କଟକ ଜିଲ୍ଲା ଅନ୍ତର୍ଗତ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ହାଡ଼ିବନ୍ଧୁ ନୋଡାଲ୍ ହାଇସ୍କୁଲ୍‌ର ୧୧୪ ନମ୍ବର ବୁଥ୍‌ରେ ନିୟୋଜିତ ପୋଲିଂ ଅଧିକାରୀ ସୁଜାତା ମିତ୍ରଙ୍କର ଅସୁସ୍ଥତା କାରଣରୁ ଗତକାଲି ମୃତ୍ୟୁ ଘଟିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଶ୍ରୀମତୀ ମିତ୍ର ବାଖରାବାଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ ।

*Desk*

# କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଆଜି ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ ଆଜିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଓ ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

***Kendrapada/R***

# କେନ୍ଦ୍ରାପଡ଼ା ନିର୍ବାଚନ

ରାଜ୍ୟର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ନିର୍ବାଚନ ପାଇଁ ଇ.ଭି.ଏମ୍.ଗୁଡ଼ିକର କମିଶନିଂ କାର୍ଯ୍ୟ ଶେଷ ହୋଇଛି । ସାଧାରଣ ପର୍ଯ୍ୟବେକ୍ଷକ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏବଂ ରିଟର୍ଣ୍ଣିଂ ଅଫିସରମାନଙ୍କ ପରିଚାଳନାରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଛି । ସୂଚନାଯୋଗ୍ୟ, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ଆଦି ବିଧାନସଭା କ୍ଷେତ୍ରପାଇଁ ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ୍ ୟୁନିଟ୍ ଏବଂ ଭିଭିପାଟ୍‌ଗୁଡ଼ିକୁ ଯାଞ୍ଚ୍ କରାଯାଇଛି ।

*Met. O.*

# ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ 'ରେମାଲ' ଆଜି ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହୋଇ ସାଗରଦ୍ୱୀପ ଓ ଖେପୁପରା ମଝିରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ । ସମ୍ଭାବ୍ୟ ବାତ୍ୟା ନେଇ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

*****